## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୩୪
- ପାଉଣ୍ଡ ୧୨୯.୫୧
- ୟୁରୋ ୧୧୨.୧୪
- ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୮୪୦ (ଭୁବନେଶ୍ୱର)
- ରୁପା : ୩,୦୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୩୧୫.୦୦
- ନିଫ୍ଟି ୨୩,୬୪୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୪.୩୨ (ଭୁବନେଶ୍ୱର)
- ଡିଜେଲ୍ - ୯୫.୮୭



# ଓଡ଼ିଶାରେ ଖୋଲିବ ସେବି ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୧୮।୫(ସମିସ): ପୂର୍ବ ଭାରତରେ ନିବେଶ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ଆଞ୍ଚଳିକ ଶାଖା କାର୍ଯ୍ୟାଳୟ ଖୋଲିବାକୁ ଯାଉଛି। ଏହି କାର୍ଯ୍ୟାଳୟ ପାଇଁ ଭଡା ଚୁକ୍ତିନାମା ପୂର୍ବରୁ ସ୍ୱାକ୍ଷରିତ ହୋଇସାରିଛି। ତେବେ ଆଗାମୀ କିଛି ମାସ ମଧ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଥିବା ସୋମବାର ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍‌ଫି) ଦ୍ୱାରା ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ସେବି ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ।



## ରାଜ୍ୟରେ ଏସ୍‌ଆଇପି ନିବେଶ ୧୦ ଗୁଣ ବଢ଼ିଛି

## ଓଡ଼ିଶାକୁ ମ୍ୟୁନିସିପାଲ୍ ବଣ୍ଡ ଆପଣାଇବାକୁ ପରାମର୍ଶ

## ମଧ୍ୟପ୍ରାଚ୍ୟ ଝଟ୍‌କା ସହ୍ୟ କରିବାକୁ ଭାରତୀୟ ବଜାର ସମର୍ଥ:ପାଣ୍ଡେ

କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଣ୍ଡେ କହିଛନ୍ତି ଯେ, ଓଡ଼ିଶାରେ ବର୍ଦ୍ଧିତ ନିବେଶ ଆଗ୍ରହକୁ ବିଚାରକୁ ନେଇ ଭୁବନେଶ୍ୱରରେ ଏକ ଆଞ୍ଚଳିକ ଶାଖା କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବ ଭାରତରେ ବର୍ତ୍ତମାନ ସେବି ଆଞ୍ଚଳିକ କାର୍ଯ୍ୟାଳୟର ଅଭାବ ଅଛି। ସେହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଭୁବନେଶ୍ୱରକୁ ଚୟନ କରାଯାଇଛି। ଆଗାମୀ ଭୁବନେଶ୍ୱର କାର୍ଯ୍ୟାଳୟ ସମଗ୍ର ଅଞ୍ଚଳରେ ନିବେଶକଙ୍କ ଅଂଶଗ୍ରହଣତାରେ ବୃଦ୍ଧି, ଆର୍ଥିକ ସଚେତନତା ଉନ୍ନତ କରିବା ଏବଂ ନିବେଶ କାର୍ଯ୍ୟକଳାପରେ ଅନିୟମିତତାକୁ ରୋକିବାରେ ସାହାଯ୍ୟ କରିବ। ଓଡ଼ିଶାର ନିବେଶ ଅଭିବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ପାଣ୍ଡେ କହିଛନ୍ତି ଯେ ଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ ଏସ୍‌ଆଇପି ନିବେଶ ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଛି। ଏହି ପ୍ରଭାବଶାଳୀ ଅଭିବୃଦ୍ଧି ସତ୍ତ୍ୱେ ସେ ସ୍ୱୀକାର କରିଛନ୍ତି ଯେ ସାମଗ୍ରିକ ନିବେଶ ଅଂଶଗ୍ରହଣ ଦୃଷ୍ଟିରୁ ଓଡ଼ିଶା ଏବେ ବି ଅନେକ ରାଜ୍ୟଠାରୁ ପଛରେ ରହିଛି। ଏହି ବ୍ୟବଧାନ ପୂରଣ କରିବା ପାଇଁ ସେବି ରାଜ୍ୟରେ ନିବେଶକ ସଚେତନତା ଏବଂ ଆର୍ଥିକ ସାକ୍ଷରତାକୁ ବିସ୍ତାର କରିବା ପାଇଁ ଏହାର ପ୍ରୟାସକୁ ତୀବ୍ର କରିଛି। ଦୀର୍ଘକାଳୀନ ନିବେଶ ରଣନୀତିକୁ ଗୁରୁତ୍ୱ ଦେଇ ଓଡ଼ିଶାର ଲୋକମାନଙ୍କୁ ସେ ମ୍ୟୁଚୁଆଲ୍ ଫଣ୍ଡ ସହିତ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏଓଆଇପି) ରେ ନିବେଶ କରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସମେତ ବିଶ୍ୱ ଅନିଶ୍ଚିତତା ବିଶ୍ୱବ୍ୟାପୀ ଷ୍ଟକ୍ ବଜାରକୁ ପ୍ରଭାବିତ କରୁଛି, ଯାହା ଫଳରେ ବଜାରରେ ସୃଷ୍ଟି ହେଉଛି। ଭାରତର ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ଯାହା ୨୦୧୫-୧୬ରେ ୧୨ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ବର୍ତ୍ତମାନ ପ୍ରାୟ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି କ୍ଷେତ୍ରରେ ଓଡ଼ିଶାର ଯୋଗଦାନ ବର୍ତ୍ତମାନ ପ୍ରାୟ ୭୧,୦୦୦ କୋଟି ଟଙ୍କା।

ସେବି ଓଡ଼ିଶା ସରକାରଙ୍କୁ ସହରାଞ୍ଚଳ ଭିତ୍ତିଭୂମି ପାଣ୍ଠିକୁ ବୃଦ୍ଧି କରିବା ପାଇଁ ମ୍ୟୁନିସିପାଲ ବଣ୍ଡ ପ୍ରଚଳନ କରିବାକୁ ପରାମର୍ଶ ଦେଇଛି। ଦେଶର ୩୪ଟି ସହରରେ ମ୍ୟୁନିସିପାଲ ବଣ୍ଡ ପୂର୍ବରୁ କାର୍ଯ୍ୟକ୍ଷମ ଅଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ତାହାର ଚାହିଦା ବୃଦ୍ଧି ପାଇବାଆଶା କରାଯାଉଛି। ସେବି ଓଡ଼ିଶା ସମେତ ଅନେକ ରାଜ୍ୟ ସରକାରଙ୍କୁ ଏହି ମଡେଲ ଗ୍ରହଣ କରିବାକୁ ଉତ୍ସାହିତ କରିଥିବା ଜଣାପଡ଼ିଛି। ପଶ୍ଚିମ ଏସିଆର ଝଟ୍‌କାକୁ ସହ୍ୟ କରିବା ପାଇଁ ଭାରତୀୟ ବଜାରଗୁଡ଼ିକ ଯଥେଷ୍ଟ ସମର୍ଥ। ସେ ନିବେଶକମାନଙ୍କୁ ବଜାର ମାନ୍ଦାବସ୍ଥା ସମୟରେ ଭୟଭୀତ ନ ହେବା ଏବଂ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସ ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷ ପାଣ୍ଡେ ମଧ୍ୟ କ୍ଷଣସ୍ଥାୟୀ ନିବେଶ ଉପରେ ଅତ୍ୟଧିକ ନିର୍ଭର କରିବା ବିରୁଦ୍ଧରେ ଚେତାବନୀ ଦେବା ସହ ଭଲ ରିଟର୍ଣ୍ଣ ଏବଂ ସ୍ଥିରତା ପାଇଁ ଦୀର୍ଘକାଳୀନ ଆର୍ଥିକ ଯୋଜନା ଉପରେ ଧ୍ୟାନ ଦେବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ।

## ସର୍ବକାଳୀନ ସ୍ତରକୁ ଖସିଲା ଭାରତୀୟ ମୁଦ୍ରା

# ୧ ଡଲାର= ୯୬.୩୪ ଟଙ୍କା

ମୁମ୍ବଇ,୧୮।୫(ଏଜେନ୍ସି): ବିଶ୍ୱବ୍ୟାପୀ ଜାରି ରହିଥିବା ଅର୍ଥନୈତିକ ଅସ୍ଥିରତା ଏବଂ କ୍ରମାଗତ ବଢ଼ୁଥିବା ଅଶୋଧିତ ତୈଳ ଦର ଯୋଗୁଁ ଭାରତୀୟ ମୁଦ୍ରା 'ଟଙ୍କା'କୁ ଲାଗିଛି ଏକ ବଡ଼ ଝଟ୍‌କା। ଚାରିଆଡେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୋମବାର (ମେ' ୧୮) ବଜାର ଖୋଲିବା ମାତ୍ରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ସର୍ବକାଳୀନ ସ୍ତର ୯୬.୩୪ ଟଙ୍କାକୁ ଖସି ଯାଇଛି। ତେବେ ଆଗକୁ ଟଙ୍କାର ବିନିମୟ ମୂଲ୍ୟରେ ଏହି ହ୍ରାସ ଧାରା ଜାରି ରହିବା ନେଇ ଆଶଙ୍କା କରାଯାଉଛି।



ଏକ ରିପୋର୍ଟ ଅନୁଯାୟୀ, ୨୦୨୬ରେ ଏସିଆ ମହାଦେଶ ମଧ୍ୟରେ ଭାରତୀୟ ଟଙ୍କା ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁଦ୍ରା ପାଲଟିଛି। ଚଳିତ ବର୍ଷ ଆରମ୍ଭରୁ ଆମେରିକା ଏବଂ ଇରାନ ମଧ୍ୟରେ ଲାଗିଥିବା ଯୁଦ୍ଧ ପରିସ୍ଥିତି ପରଠାରୁ ଭାରତୀୟ ଟଙ୍କା ଡଲାର ତୁଳନାରେ ୫ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇସାରିଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟ ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୧୧.୨୦ ଡଲାର ଟପିଯାଇଛି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୦% ତେଲ ଆମଦାନୀ କରୁଥିବାରୁ, ତେଲ କିଣିବା ପାଇଁ ଭାରତକୁ ଅଧିକ ମାତ୍ରାରେ ଡଲାର ପୈଠ କରିବାକୁ ପଡୁଛି। ଏହାଦ୍ୱାରା ଦେଶରେ ଡଲାରର ଚାହିଦା ବଢ଼ିବା ସହ ଟଙ୍କା ଦୁର୍ବଳ ହେଉଛି। ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧାବସ୍ଥା ଯୋଗୁଁ ନିବେଶକମାନେ ନିଜର ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ସେୟାର ବଜାରରୁ ଟଙ୍କା କାଢ଼ି ଡଲାରରେ ନିବେଶ କରୁଛନ୍ତି। ବ୍ଲୁମବର୍ଗ ଡଲାର ଇଣ୍ଡେକ୍ସ ଅନୁଯାୟୀ, ଡଲାର ବର୍ତ୍ତମାନ ୯୯.୩୨ ର ସର୍ବୋଚ୍ଚ ସ୍ତରରେ ରହିଛି। ଟଙ୍କାର ଏହି ଦ୍ରୁତ ପତନକୁ ରୋକିବା ପାଇଁ ଭାରତ ସରକାର ଏବଂ ରିଜର୍ଭ ବ୍ୟାଙ୍କ କେତେକ କଡ଼ା ନିୟମ ଲାଗୁ କରିଛନ୍ତି। ବିଦେଶକୁ ଡଲାର ପ୍ରବାହ ରୋକିବା ପାଇଁ ସୁନା-ରୁପା ଭଳି ମୂଲ୍ୟବାନ ଧାତୁ ଆମଦାନୀ ଉପରେ କଟକଣା ଲଗାଯାଇଛି।

## ଆଦାନୀଙ୍କୁ ଆଶ୍ୱସ୍ତି; ଟ୍ରମ୍ପଙ୍କ ବ୍ୟକ୍ତିଗତ ଓକିଲଙ୍କ ନିଷ୍ପତ୍ତି

# ଆମେରିକା କୋର୍ଟରୁ ସବୁ ଅଭିଯୋଗ ପ୍ରତ୍ୟାହୃତ

ୱାଶିଂଟନ୍,୧୮।୫(ଏଜେନ୍ସି): ଶିଳ୍ପପତି ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ମିଳିଛି। ସୋମବାର ଆମେରିକାର ନ୍ୟାୟ ବିଭାଗ ସେମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ଫୌଜଦାରୀ ଅଭିଯୋଗ ସ୍ଥାୟୀ ଭାବରେ ପ୍ରତ୍ୟାହାର କରିଛି। ଏହା ନ୍ୟୁୟର୍କର ଏକ କୋର୍ଟରେ ବିଚାରାଧୀନ ଥିବା ହାଇ-ପ୍ରୋଫାଇଲ୍ ସିକ୍ୟୁରିଟିଜ୍ ଏବଂ ତାର ଠକେଇ ମାମଲାକୁ ବନ୍ଦ କରିଦେଇଛି। ଆମେରିକୀୟ ପବ୍ଲିକ ପ୍ରସିକ୍ୟୁଟରମାନେ ଏହି ନିଷ୍ପତ୍ତି ନେଇଛନ୍ତି ଯେ ସେମାନେ ଅଭିଯୋଗ ପ୍ରମାଣ କରିବାରେ ଅକ୍ଷମ। ଆଦାନୀ ଏଣ୍ଟରପ୍ରାଇଜେସ୍ ୨୭୫ ନିୟୁତ ଡଲାର (ପ୍ରାୟ ୨୬୪୮ କୋଟି ଟଙ୍କା) ଦେଇ ଆମେରିକାର ଟ୍ରେଜେରୀ ବିଭାଗ ସହିତ ଏକ ପୃଥକ ମାମଲା ସମାଧାନ କରିବା ପରେ ଏହି ନିଷ୍ପତ୍ତି ଆସିଛି। ଏଥିରେ



ତଦନ୍ତ କରାଯାଉଥିଲା ଯେ, କମ୍ପାନୀ ଇରାନ ବିରୁଦ୍ଧରେ ୱାଶିଂଟନର ପ୍ରତିବନ୍ଧକ ଉଲ୍ଲଂଘନ କରିଛି କି ନାହିଁ। କୋର୍ଟରେ ଦାଖଲ କରାଯାଇଥିବା ଆବେଦନରେ ଆମେରିକୀୟ ନ୍ୟାୟ ବିଭାଗ ପକ୍ଷପାତିତା ସହିତ ଆଦାନୀ ବିରୁଦ୍ଧରେ ଅଭିଯୋଗକୁ ଖାରଜ କରିବାକୁ ଅନୁରୋଧ କରିଥିଲା। ଆମେରିକାର ନ୍ୟାୟ ବିଭାଗ ଏହାର ଫାଇଲିଂରେ କହିଛି ଯେ ନ୍ୟାୟ ବିଭାଗ ମାମଲା ସମୀକ୍ଷା କରିଛି। ପରବର୍ତ୍ତୀ ସମୟରେ, କୋର୍ଟ ଆଦାନୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଅଭିଯୋଗକୁ ସ୍ଥାୟୀ ଭାବରେ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଛି।

୨୦୨୪ର ଶେଷ ଭାଗରେ ଆମେରିକୀୟ ନିୟାମକ ଏସ୍‌ଇସି ଏବଂ ନ୍ୟାୟ ବିଭାଗ ଦ୍ୱାରା ଦାୟର କରାଯାଇଥିବା ମାମଲାଗୁଡ଼ିକରେ ଅଭିଯୋଗ କରାଯାଇଥିଲା ଯେ ଆଦାନୀ ଗ୍ରୁପ ଭାରତରେ ସୌର ଶକ୍ତି ଚୁକ୍ତିନାମା ସୁରକ୍ଷିତ କରିବା ପାଇଁ ଭାରତୀୟ ଅଧିକାରୀମାନଙ୍କୁ ପ୍ରାୟ ୨୬୫ ନିୟୁତ ଡଲାର୍ ଲାଞ୍ଚ ଦେବାକୁ ଯୋଜନା କରିଥିଲା। ଏବଂ ଆମେରିକୀୟ ନିବେଶକ ଏବଂ ଋଣଦାତାଙ୍କଠାରୁ ପୁଞ୍ଜି ସଂଗ୍ରହ କରିବା ସମୟରେ ଏହି କଥାକୁ ଲୁଚାଯାଇଥିଲା। ସୋମବାର ପକ୍ଷପାତିତା ସହିତ କୋର୍ଟ ମାମଲାକୁ ଖାରଜ କରିବାର ଅର୍ଥ ହେଉଛି ଏହାକୁ କେବେ ବି ପୁନଃଖୋଲିପାରିବନାହିଁ। ଆମେରିକାର ଅପରାଧିକ କାର୍ଯ୍ୟରେ ଏପରି ଖାରଜ ବିରଳ। ରିପୋର୍ଟ ଅନୁଯାୟୀ, ଆମେରିକୀୟ ପବ୍ଲିକ ପ୍ରସିକ୍ୟୁଟରମାନେ କୌଣସି ସ୍ପଷ୍ଟ ଆମେରିକୀୟ ଲିଙ୍କ୍ ଏବଂ ଅଭିଯୋଗଗୁଡ଼ିକୁ ପ୍ରମାଣିତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ପାଇଲେ ନାହିଁ। ଏଥିରେ ମେ ୧୫ରେ ଏକ ରଏଟର୍ସ ରିପୋର୍ଟ ପ୍ରକାଶ କରିଥିଲା ଯେ ଏହି ଅପରାଧିକ ଅଭିଯୋଗ ପ୍ରତ୍ୟାହାର ପାଇଁ ମୂଳଦୁଆ ପୂର୍ବ ମାସରେ ପ୍ରସ୍ତୁତ କରାଯାଇଥିଲା। ଆଦାନୀଙ୍କ ଓକିଲ ରବର୍ଟ ଗିଫ୍ରା ଏକ ଉପସ୍ଥାପନାରେ ନ୍ୟାୟ ବିଭାଗର ଅଧିକାରୀମାନଙ୍କୁ କହିଥିଲେ ଯେ , ମାମଲା ଯେ ପର୍ଯ୍ୟନ୍ତ ଜାରି ରହିବ, ସେ ପର୍ଯ୍ୟନ୍ତ ଆଦାନୀ ଏଣ୍ଟରପ୍ରାଇଜେସ୍ ଆମେରିକାରେ ନିବେଶ କରିପାରିବନାହିଁ। ୨୦୨୪ରେ ଆମେରିକା ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଗୌତମ ଆଦାନୀ ଆମେରିକା ଅର୍ଥନୀତିରେ ୧୦ ବିଲିୟନ ଡଲାର ନିବେଶ ଏବଂ ୧୫,୦୦୦ ନିଯୁକ୍ତି ସୃଷ୍ଟି କରିବାକୁ ସାର୍ବଜନୀନ ଭାବରେ ପ୍ରତିଶ୍ରୁତି ଦେଇଥିଲେ।

## ଆମେରିକାର ପ୍ରତିବନ୍ଧକକୁ ଖାତିର ନାହିଁ

# ରୁଷୀୟ ତେଲ କିଣିବା ଜାରି ରଖିବ ଭାରତ

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଆମେରିକାର ପ୍ରତିବନ୍ଧକ ଛାଡ଼ର ମିଆଦ ଶେଷ ହେବା ସତ୍ତ୍ୱେ ଭାରତ ରୁଷଠାରୁ ଅଶୋଧିତ ତେଲ କିଣିବା ଜାରି ରଖିଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୋମବାର ସ୍ପଷ୍ଟ କରିଛନ୍ତି ଯେ ଆମେରିକାର ଛାଡ଼ର ମିଆଦ ଶେଷ ହେବା ପରେ ମଧ୍ୟ ତୈଳ ଯୋଗାଣ ନିରନ୍ତର ରହିଛି। ରିଫାଇନାରୀଗୁଡ଼ିକ କୌଣସି ସମସ୍ୟାର ସମ୍ମୁଖୀନ ହେଉନାହାଁନ୍ତି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ରୁଷଠାରୁ ଭାରତର ଅଶୋଧିତ ତେଲ କ୍ରୟ କେବେ ବି ଆମେରିକାର ଛାଡ଼ ତାଙ୍କା ଉପରେ ନିର୍ଭରଶୀଳ ନୁହେଁ। ଏହା ସମ୍ପୂର୍ଣ୍ଣ ବାଣିଜ୍ୟିକ ସ୍ୱାର୍ଥ ଏବଂ ବାଣିଜ୍ୟିକ ବିଚାର ଉପରେ ଆଧାରିତ। ଶ୍ରୀ ଶର୍ମା କହିଛନ୍ତି, କ୍ରୟକରିବାର ଆମର ନିଷ୍ପତ୍ତି ମୁଖ୍ୟତଃ ବାଣିଜ୍ୟିକ ବିଚାର ଉପରେ ଆଧାରିତ। ବଜାରରେ ଅଶୋଧିତ





ତୈଳର କୌଣସି ଅଭାବ ନାହିଁ। ରୁଷ ଉପରେ ଆମେରିକାର ଛାଡ଼ ସମ୍ପର୍କରେ ସେ ଜୋର ଦେଇ କହିଛନ୍ତି ଯେ, ଆମେ ପୂର୍ବରୁ ମଧ୍ୟ ରୁଷଠାରୁ ତେଲ କିଣୁଥିଲୁ। ରିଆତି ପୂର୍ବରୁ , ଛାଡ଼ ସମୟରେ ଏବଂ ଏବେ ମଧ୍ୟ ଭାରତରୁଷ ତେଲ କ୍ରୟ ଜାରି ରଖିଛି। ଗତ ସପ୍ତାହରେ କିଛି ରୁଷୀୟ ଅଶୋଧିତ ତୈଳ କ୍ରୟ ଉପରେ ଆମେରିକାର ଛାଡ଼ର ମିଆଦ ଶେଷ ହେବା ପରେ ଭାରତୀୟ ଅଧିକାରୀଙ୍କ ଏହି ମନ୍ତବ୍ୟ ଆସିଛି।

ଏହି ଛାଡ଼ ଯୋଗୁଁ ଟ୍ୟାଙ୍କରରେ ଲୋଡ୍ ହୋଇଥିବା ରୁଷୀୟ ତେଲ କାର୍ଗୋର କାରବାରକୁ ଅନୁମତି ଦିଆଯାଇଥିଲା। ଆମେରିକା ପ୍ରଥମେ ମାର୍ଚ୍ଚ ମାସରେ ଏହି ଛାଡ଼ ଜାରି କରିଥିଲା ଏବଂ ପରେ ଅତିରିକ୍ତ ଯୋଗାଣ ମାଧ୍ୟମରେ ବିଶ୍ୱ ତୈଳ ମୂଲ୍ୟ ଉପରେ ଚାପ କମ କରିବା ପାଇଁ ଏହାର ବୈଧତାକୁ ମେ ୧୬ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ଯଦିଓ ରୁଷୀୟ ଅଶୋଧିତ ତୈଳ ଉପରେ କୌଣସି ସମ୍ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ, ୱାଶିଂଟନ ପୂର୍ବରୁ ରୁଷ-ୟୁକ୍ରେନ ଯୁଦ୍ଧ ପରେ ଭାରତକୁ ରିଆତି ହାରରେ ମସ୍କୋରୁ କ୍ରୟ ହ୍ରାସ କରିବାକୁ ଅନୁରୋଧ କରିଥିଲା।

## ରବିନ୍ଦ୍ରନ ସନ୍‌ମୁଗମ୍ ଟିଭିଏସ୍ ମୋଟରର ସ୍ୱାଧୀନ ନିର୍ଦ୍ଦେଶକ

ଚେନ୍ନଇ,୧୮।୫(ସମିସ): ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ରବିନ୍ଦ୍ରନ ସନ୍‌ମୁଗମଙ୍କୁ ୨୦୨୬ ମେ' ୧୩ରୁ ୫ ବର୍ଷ ଅବଧି ପାଇଁ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ରବିନ୍ଦ୍ରନ ହେଉଛନ୍ତି ଜଣେ ପ୍ରଯୁକ୍ତି ଉଦ୍ୟୋଗୀ ଓ ବିଜନେସ୍ ଲିଡର୍। ଗ୍ରାହକ କୈନ୍ଦ୍ରୀକ ବ୍ୟବସାୟ, ଡିଜିଟାଲ ରୂପାନ୍ତରଣ ଓ ଏଆଇ ଆଧାରିତ ଓ ସାରା ବିଶ୍ୱରେ ଏଆଇ ଆଧାରିତ ପ୍ଲାଟଫର୍ମ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ରହିଛି।



ସିଙ୍ଗାପୁରର ଏଆଇ ଆଧାରିତ ଇଂଟେରିୟର ଡିଜାଇନ ଓ ତି ପ୍ଲାଟଫର୍ମ ମାବଲ୍‌ର ସହ ପ୍ରତିଷ୍ଠାତା ଓ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି। ମାକିନ୍‌ସେ ଆଣ୍ଡ କମ୍ପାନିରେ ମ୍ୟାନେଜମେଣ୍ଟ କନସଲଟାଣ୍ଟ ଭାବେ ସେ କାର୍ଯ୍ୟ କରିଥିଲେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଆଲୁମିନି ଶ୍ରୀ ସାନମୁଗମଙ୍କ ପ୍ରଯୁକ୍ତି, ନବସୃଜନ, ପ୍ଲାଟଫର୍ମ ବ୍ୟବସାୟ ଓ ଗୁରୁତ୍ୱପୂର୍ଣ୍ଣ ଶାସନରେ ବିଶେଷତା ରହିଛି।

## ଓଡ଼ିଶା ଡିସ୍‌କମ୍ ପକ୍ଷରୁ ଉପଭୋକ୍ତା ସଚେତନତା ଅଭିଯାନ

ଭୁବନେଶ୍ୱର, ୧୮।୫(ସମିସ): ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର (ଏମଏନଆରଇ) ଦେଶବ୍ୟାପୀ 'ମନ୍ଥ ଅଫ୍ ସୋଲାର' ଅଭିଯାନର ଅଂଶ ସ୍ୱରୂପ, ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ ମୋ ଛାତ, ମୋ ସଞ୍ଚୟ' ଶୀର୍ଷକ ଏକ ବ୍ୟାପକ ରାଜ୍ୟ ସ୍ତରୀୟ ଉପଭୋକ୍ତା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସୌର ଶକ୍ତିର ଲାଭ ବିଷୟରେ ବ୍ୟାପକ ଉପଭୋକ୍ତା ସଚେତନତା ସୃଷ୍ଟି କରିବା, ରୁଫ୍‌ଟପ୍ ସୋଲାର୍ ପାଇଁ ଆବେଦନକୁ ପ୍ରୋତ୍ସାହିତ କରିବା ଏବଂ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସୋଲାର୍ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଅଭିଯାନର ପରିକଳ୍ପନା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ, ଟାଟା ପାୱାର୍ ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ସମସ୍ତ ବର୍ଗର ଗ୍ରାହକଙ୍କ ପାଖରେ ପହଞ୍ଚୁଛନ୍ତି, ଯାହାଦ୍ୱାରା ସର୍ବାଧିକ ନାଗରିକ ରୁଫ୍‌ଟପ୍ ସୋଲାର୍ ଏବଂ ଏହା ସହ ଜଡ଼ିତ ସରକାରୀ ସବ୍‌ସିଡିର ଲାଭ ଉଠାଇପାରିବେ।

## ଏନଏସଇର ଇଲେକ୍‌ଟ୍ରୋନିକ ଗୋଲ୍ଡ ରିସିପ୍ଟରେ ଟ୍ରେଡିଂ

ମୁମ୍ବଇ,୧୮।୫: ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ପକ୍ଷରୁ ଆଜିଠାରୁ ଇଲେକ୍‌ଟ୍ରୋନିକ ଗୋଲ୍ଡ ରିସିପ୍ଟ (ଇଜିଆର) ସେଗ୍‌ମେଣ୍ଟରେ ଲାଇଭ୍ ଟ୍ରେଡିଂ ଆରମ୍ଭ କରାଯାଇଛି। ଗତ ଶନିବାର, ମେ' ୧୬ରେ ୨ଏକ ବିସ୍ତୃତ ମକ୍ ଟ୍ରେଡିଂ କରାଯିବା ପରେ ଆଜି ଏହାର ଔପଚାରିକ ଶୁଭାରମ୍ଭ କରାଯାଇଛି। ମକ୍ ଟ୍ରେଡିଂ ବିନା କୌଣସି ତ୍ରୁଟି କିମ୍ବା ସିଷ୍ଟମ ବିଫଳତାରେ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିଲା। ସେହି ଅନୁସାରେ ଲାଇଭ୍ ଟ୍ରେଡିଂ ସୁଗମତାର ସହ ଆରମ୍ଭ ହୋଇଛି ଓ ସମସ୍ତ ସିଷ୍ଟମ ଡିଜାଇନ ମୁତାବକ କାର୍ଯ୍ୟ କରୁଛି। ଏନଏସଇ ବଜାର ଅଂଶଗ୍ରହଣକାରୀଙ୍କଠାରୁ ଇଜିଆର ପ୍ରଡକ୍ଟ ପାଇଁ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଛି। ଇଜିଆର୍‌ର ଶୁଭାରମ୍ଭ ପାଇଁ ମିଳିଥିବା ଉତ୍ସାହଜନକ ପ୍ରତିକ୍ରିୟା ଲାଗି ଏକ୍ସଚେଞ୍ଜ ପକ୍ଷରୁ ବଜାର ଅଂଶଗ୍ରହଣକାରୀ, ମଧ୍ୟସ୍ଥି ଓ ଇକୋସିଷ୍ଟମ ସହଯୋଗୀଙ୍କୁ ଧନ୍ୟବାଦ ଜଣାଯାଇଛି। ଏନଏସଇର ବର୍ତ୍ତମାନ ଅହମ୍ମଦାବାଦ ଓ ମୁମ୍ବାଇଠାରେ ଭଲ୍ଟିଙ୍ଗ ଓ କଲେକ୍ସନ ସେଣ୍ଟର ରହିଛି।

# ଗ୍ରାମାଞ୍ଚଳରେ ଶୈଶବ ପୁଷ୍ଟିସାର ଏବଂ ଶିକ୍ଷଣକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ

ଭୁବନେଶ୍ୱର,୧୮।୫(ସମିସ): ଓଡ଼ିଶାର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଅନେକ ପରିବାର ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସଂରଚିତ ଶିକ୍ଷା, ପୁଷ୍ଟିସାର ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାର ପ୍ରଥମ ଏବଂ ପ୍ରାୟତଃ ଏକମାତ୍ର ବିନ୍ଦୁ ହୋଇ ରହିଛି। ତଥାପି, ଦୂରତା,ସୀମିତ ଭିତ୍ତିଭୂମି ଏବଂ ପର୍ଯ୍ୟାପ୍ତ ସଚେତନତା ଦ୍ୱାରା ସୃଷ୍ଟି ହୋଇଥିବା ଏହି ଅତ୍ୟାବଶ୍ୟକ ସେବା ପ୍ରଦାନ କରିବାରେ ନିରନ୍ତର ଆହ୍ୱାନଗୁଡ଼ିକ ରହିଛି। ବେଦାନ୍ତର ପ୍ରମୁଖ ସମ୍ପ୍ରଦାୟ ବିକାଶ ପ୍ରକଳ୍ପ, ନନ୍ଦ ଘର, ସମଗ୍ର ଭାରତରେ ଅଙ୍ଗନୱାଡିଗୁଡ଼ିକୁ ପୁଷ୍ଟିସାର, ଡିଜିଟାଲ୍ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମହିଳା ସଶକ୍ତିକରଣ ପାଇଁ ଆଧୁନିକ ସମ୍ପ୍ରଦାୟ କେନ୍ଦ୍ର ଭାବରେ ପୁନଃକଳ୍ପନା କରି ଏହି କାହାଣୀକୁ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ, ବେଦାନ୍ତ ଆଲୁମିନିୟମ, ଅନିଲ ଅଗ୍ରୱାଲ ଫାଉଣ୍ଡେସନ ମାଧ୍ୟମରେ





ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସହଭାଗୀତାରେ, ଝାରସୁଗୁଡ଼ା, ରାୟଗଡ଼ା ଏବଂ କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ ଶହ ଶହ ଅଙ୍ଗନୱାଡି କେନ୍ଦ୍ରକୁ ବେଦାନ୍ତ ନନ୍ଦ ଘରରେ ପରିଣତ କରି ଗ୍ରାମୀଣ ବିକାଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି।

# ସମୁଦ୍ର କେବୁଲରୁ ଲାଇସେନ୍ସ ଫି' ଆଦାୟ କରିବ ଇରାନ୍

ତେହେରାନ୍, ୧୮।୫ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ ହେବାର କୌଣସି ସଙ୍କେତ ଦେଖାଉନାହିଁ। ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ଉଭୟ ଦେଶ ପରସ୍ପରର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଶାନ୍ତି ଆଲୋଚନା ପାଇଁ ସେମାନଙ୍କର ସର୍ତ୍ତାବଳୀ ପଠାଉଛନ୍ତି। ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ ଇରାନ ରାଜସ୍ୱ ସୃଷ୍ଟି କରିବାର ଏକ ଉପାୟ ସନ୍ଧାନ କରିସାରିଛି। ଏହା ପୂର୍ବରୁ ମହଙ୍ଗା ଅଶୋଧିତ ତେଲ ଏବଂ ହର୍ମୁଜ୍ ପ୍ରଣାଳୀରୁ ଟୋଲ୍ ଆଦାୟ କରି ଇରାନ୍ ତା'ର ପକେଟ ଭରୁଛି। ବର୍ତ୍ତମାନ, ଏହି ଉପସାଗରୀୟ ଦେଶ ଏକ ଡିଜିଟାଲ ନେଟୱାର୍କ ନିର୍ମାଣ କରିବାକୁ ଯୋଜନା କରିଛି। ରିପୋର୍ଟ ଅନୁଯାୟୀ, ଇରାନ ଏବେ ହରମୁଜ୍ ପ୍ରଣାଳୀ ତଳେ ବିଛାଯାଇଥିବା ସମୁଦ୍ର ତଳ କେବୁଲଗୁଡ଼ିକରୁ ରାଜସ୍ୱ ଆୟ ବାଟ ଖୋଜିଛି। ରିପୋର୍ଟ ଅନୁଯାୟୀ, ଇରାନ





ଏହି କେବୁଲରୁ ଟିକସ ଅସୁଲ କରିବାକୁ ବିଚାର କରୁଛି। କେବୁଲ ବ୍ୟବହାର ପାଇଁ ଇରାନ୍ ଆମେରିକୀୟ କମ୍ପାନୀ ଗୁଗଲ୍, ଆମାଜନ ଏବଂ ମେଟା ଭଳି ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକଠାରୁ ଟିକସ ଆଦାୟ କରିବାକୁ ଯୋଜନା କରୁଛି। ଇରାନୀ ସାମରିକ ମୁଖପାତ୍ର ଇବ୍ରାହିମ୍ ଜୁଲଫିକାରି ଗତ ସପ୍ତାହରେ ଏକ୍ସ'ରେ ଘୋଷଣା କରିଥିଲେ ଯେ , ଆମେ ଇଣ୍ଟରନେଟ୍ କେବୁଲଗୁଡ଼ିକ ଉପରେ ଶୁଳ୍କ ଲାଗୁ କରିବୁ।

ଏପରିସ୍ଥଳେ ଯଦି କମ୍ପାନୀଗୁଡ଼ିକ ଏପରି ପ୍ରସ୍ତାବ ଉପରେ ଇରାନ ସହିତ କାମ କରିବାକୁ ମନା କରନ୍ତି, ତେବେ ଏହି ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇପାରେ। ଏହା ଇଣ୍ଟରନେଟ୍ ସେବାକୁ ପ୍ରଭାବିତ କରିବ, ଅନ୍‌ଲାଇନ୍ ସଫିଂ ବାଧାପ୍ରାପ୍ତ କରିବ ଏବଂ ଟଙ୍କା କାରବାରକୁ ମଧ୍ୟ ବନ୍ଦ କରିଦେବ। ପ୍ରମୁଖ ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଇରାନ ନିୟମ ପାଳନ କରିବାକୁ ପଡିବ, ଯେତେବେଳେ କି ସମୁଦ୍ର ତଳେ କେବୁଲ ବିଛାଉଥିବା କମ୍ପାନୀଗୁଡ଼ିକୁ ଲାଇସେନ୍ସିଂ ଫି' ଦେବାକୁ ପଡିବ। ଏକ ରିପୋର୍ଟରେ କୁହାଯାଇଛି ଯେ ଇରାନ କେବଳ କେବୁଲ ଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କମ୍ପାନୀଗୁଡ଼ିକୁ ଦେବାକୁ ଚାହୁଁଛି। ତଥାପି, ଏହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ ଗୁଗଲ୍, ଆମାଜନ ଏବଂ ମେଟା ଭଳି କମ୍ପାନୀଗୁଡ଼ିକ, ଯେଉଁମାନେ ସମୁଦ୍ର ତଳେ କେବୁଲ ବ୍ୟବହାର କରନ୍ତି, ସେମାନେ ଆମେରିକାର ପ୍ରତିବନ୍ଧକ ମଧ୍ୟରେ ଇରାନକୁ କିପରି ଦେୟ ଦେବେ। ଏପ୍ରିଲରେ ଆମେରିକା ସିନେଟ୍ ବୈଦେଶିକ ସମ୍ପର୍କ କମିଟିର ଅଧ୍ୟକ୍ଷ ସମୁଦ୍ର ତଳେ ଯୋଗାଯୋଗ କେବୁଲ ସହିତ ଜଡ଼ିତ ବଢ଼ୁଥିବା ଜାତୀୟ ସୁରକ୍ଷା ବିପଦକୁ ଦୃଷ୍ଟିରେ ରଖି ନୂତନ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ହରମୁଜ୍ ପ୍ରଣାଳୀ ଅନେକ ଫାଇବର-ଅପ୍ଟିକ୍ କେବୁଲ ଦ୍ୱାରା ଘେରି ରହିଛି, ଯାହା ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ଉପସାଗର ଦେଶ ଏବଂ ଇଜିପ୍ଟ ଦେଇ ୟୁରୋପକୁ ସଂଯୋଗ କରୁଛି।

ସୂଚନାଯୋଗ୍ୟ ଯେ, ସମୁଦ୍ର ତଳେ କେବୁଲଗୁଡ଼ିକ ହେଉଛି ଏପରି କେବୁଲ ଯାହା ତଥ୍ୟ ଏବଂ ବିଦ୍ୟୁତ୍ ପରିବହନ କରେ। ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ପାଇଁ ମିଳିତ ଜାତିସଂଘର ଏଜେନ୍ସି, ଇଣ୍ଟରନ୍ୟାସନାଲ୍ ଟେଲିକମ୍ୟୁନିକେସନ୍ ୟୁନିଅନ୍ ଅନୁଯାୟୀ, ବିଶ୍ୱର ପ୍ରାୟ ୯୯% ଇଣ୍ଟରନେଟ୍ ଟ୍ରାଫିକ୍ ଏଗୁଡ଼ିକ ମାଧ୍ୟମରେ ପ୍ରବାହିତ ହୁଏ। ଏଗୁଡ଼ିକ ଦେଶ ଦେଶ ମଧ୍ୟରେ ଫୋନ୍, ଇଣ୍ଟରନେଟ୍ ଏବଂ ବିଦ୍ୟୁତ୍ ସେବା ପ୍ରଦାନ କରିଥାନ୍ତି। ଏଗୁଡ଼ିକ କ୍ଲାଉଡ୍ ସେବା, ଅନଲାଇନ୍ ଯୋଗାଯୋଗ ଏବଂ ଇଣ୍ଟରନେଟ୍ ପ୍ରବେଶ ପାଇଁ ଅତ୍ୟାବଶ୍ୟକ।

### ଟାର୍ଗେଟ୍‌ରେ ଗୁଗଲ୍, ଆମାଜନ୍, ମେଟା

### ବନ୍ଦ ହୋଇଯିବ ଇଣ୍ଟରନେଟ୍

